# ୨୦୨୬ ଏସୀୟ କ୍ରୀଡ଼ାରୁ ବାଦ୍ ପଡ଼ିଲେ ନୀରଜ ଚୋପ୍ରା




ନୂଆଦିଲ୍ଲୀ, ୨୯/୮(ନ୍ୟୁ.ଏ): ଭାରତର ଷ୍ଟାର୍ ଜାଭେଲିନ୍ ଥ୍ରୋୟର୍ ତଥା ଦୁଇଥର ଅଲିମ୍ପିକ୍ ପଦକ ବିଜେତା ନୀରଜ ଚୋପ୍ରାଙ୍କ ୨୦୨୬ ସିଜନ୍ ଆହତ କାରଣରୁ ଅଚାନକ ଶେଷ ହୋଇଛି । ଟ୍ରେନିଂ ସମୟରେ ତାଙ୍କ ଗୋଇଠିରେ ଲିଗାମେଂଟ ଛିଣ୍ଡିଯାଇଥିବାରୁ ସେ ଚଳିତ ବର୍ଷର ବାକି ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି । ଏହି ଆଘାତ ଯୋଗୁଁ ନୀରଜ ଆଗାମୀ ଏସିଆନ୍ ଗେମ୍ସ ଏବଂ ଡାଏମଣ୍ଡ ଲିଗ୍ ଫାଇନାଲ୍‌ରେ ଅଂଶଗ୍ରହଣ କରିପାରିବେ ନାହିଁ । ଫଳରେ ଏସିଆନ୍ ଗେମ୍ସରେ ଭାରତ ପାଇଁ ପଦକର ମୁଖ୍ୟ ଆଶା ଥିବା ନୀରଜଙ୍କ ଅଭିଯାନ ଆରମ୍ଭ ହେବା ପୂର୍ବରୁ ହିଁ ଶେଷ ହୋଇଯାଇଛି । ନୀରଜ ନିଜେ ସୋସିଆଲ୍ ମିଡିଆରେ ପୋଷ୍ଟ କରି ଆହତ ହେବା ଏବଂ ଚଳିତ ସିଜନ୍‌ର ବାକି ପ୍ରତିଯୋଗିତାରୁ ଓହରିବା ନେଇ ସୂଚନା ଦେଇଛନ୍ତି । ଡାକ୍ତର ଏବଂ ନିଜ ଟିମ୍ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି । ନୀରଜ କହିଛନ୍ତି ଯେ, ନିଜର ପ୍ରତିଯୋଗିତାମୂଳକ ଇଭେଂଟ ପରେ ଟ୍ରେନିଂ ସମୟରେ ତାଙ୍କ ଗୋଇଠିରେ ଲିଗାମେଂଟ ଛିଣ୍ଡିଯାଇଥିଲା । ଡାକ୍ତର ଏବଂ ଟିମ୍ ସହ ଆଲୋଚନା କରିବା ପରେ ଚଳିତ ସିଜନ୍‌ର ବାକି ଇଭେଂଟଗୁଡ଼ିକରେ ନ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି । ଏହାର ଅର୍ଥ ହେଉଛି, ଏବେ ନୀରଜଙ୍କୁ ରିକଭରି ଉପରେ ଧ୍ୟାନ ଦେବାକୁ ପଡ଼ିବ । ୨୦୨୬ରେ ତାଙ୍କର ଫର୍ମ ଧୀରେ ଧୀରେ ଫେରୁଥିବା ଦେଖାଯାଉଥିବା ବେଳେ ଏହି ଆଘାତ ତାଙ୍କ ଅଭିଯାନକୁ ବଡ଼ ଝଟକା ଦେଇଛି । ୨୮ ବର୍ଷୀୟ ନୀରଜ ଆଘାତ କାରଣରୁ ଦୀର୍ଘ ସମୟ ପ୍ରତିଯୋଗିତାରୁ ଦୂରେଇ ରହିବା ପରେ ଜୁନ୍‌ରେ ଦୋହା ଡାଏମଣ୍ଡ ଲିଗ୍ ମାଧ୍ୟମରେ ପ୍ରତ୍ୟାବର୍ତ୍ତନ କରିଥିଲେ । ସେଠାରେ ୮୫.୬୯ ମିଟରର ଥ୍ରୋ କରି ଚତୁର୍ଥ ସ୍ଥାନରେ ରହିଥିଲେ । ଏହା ପରେ ଗ୍ଲାସଗୋରେ ନୀରଜ ୮୫.୮୩ ମିଟରର ଥ୍ରୋ କରି ରୌପ୍ୟ ପଦକ ଜିତିଥିଲେ । ତାଙ୍କ ଫର୍ମରେ ଉନ୍ନତି ଦେଖାଯାଉଥିବାରୁ ଏସିଆନ୍ ଗେମ୍ସ ପୂର୍ବରୁ ନୀରଜ ନିଜର ଶ୍ରେଷ୍ଠ ଲୟକୁ ଫେରିବେ ବୋଲି ଆଶା କରାଯାଉଥିଲା । ଲୁସାନେରେ ଅନୁଷ୍ଠିତ ଇଭେଂଟରେ ନୀରଜ ନିଜର ଚଳିତ ସିଜନ୍‌ର ସର୍ବଶ୍ରେଷ୍ଠ ଥ୍ରୋ କରିଥିଲେ । ଏହା ତାଙ୍କୁ ଫର୍ମକୁ ଫେରାଇବାର ସଙ୍କେତ ଦେଉଥିଲା । ଗ୍ଲାସଗୋରେ ନୀରଜ ପୋଡିୟମ୍ ଫିନିଶ୍ କରିଥିଲେ ମଧ୍ୟ ସ୍ୱର୍ଣ୍ଣ ପଦକ ଶ୍ରୀଲଙ୍କାର ରୁମେଶ ପଥିରାଗେ ଜିତିନେଇଥିଲେ । ସେ ୮୯.୭୫ ମିଟରର ଚମତ୍କାର ଥ୍ରୋ କରି ସ୍ୱର୍ଣ୍ଣ ହାତେଇଥିଲେ । ଲୁସାନେ ଇଭେଂଟକୁ ଏସିଆନ୍ ଗେମ୍ସ ପ୍ରସ୍ତୁତିର ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଭାବେ ଦେଖାଯାଉଥିଲା । ଏସିଆନ୍ ଗେମ୍ସରେ ଭାରତ ପାଇଁ ନୀରଜ ପଦକର ପ୍ରମୁଖ ଦାବିଦାର ଥିଲେ । କିନ୍ତୁ ଗୋଇଠିର ଲିଗାମେଂଟ ଆଘାତ ଯୋଗୁଁ ଏବେ ତାଙ୍କ ୨୦୨୬ ସିଜନ୍ ଏଠାରେ ହିଁ ଶେଷ ହୋଇଛି । ନୀରଜଙ୍କ ଆହତ ଖବର ଭାରତୀୟ ଆଥଲେଟିକ୍ସ ପାଇଁ ନିଶ୍ଚିତ ଭାବେ ଏକ ବଡ଼ ଝଟକା । ଏବେ ତାଙ୍କ ପ୍ରାଥମିକତା ହେବ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପରବର୍ତ୍ତୀ ସିଜନ୍ ପାଇଁ ପ୍ରସ୍ତୁତ ହେବା ।

# ଭାରତୀୟ ମହିଳା ହକି ଦଳକୁ ୫୦ଲକ୍ଷ ଟଙ୍କା ପୁରସ୍କାର



ନୂଆଦିଲ୍ଲୀ, ୨୯/୮(ନ୍ୟୁ.ଏ): ବିଶ୍ୱକପ୍‌ରେ ଐତିହାସିକ ପ୍ରଦର୍ଶନ ପାଇଁ ଭାରତୀୟ ମହିଳା ହକି ଦଳକୁ ପୁରସ୍କୃତ କରିଛି ହକି ଇଣ୍ଡିଆ । ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍‌ରେ ପଂଚମ ସ୍ଥାନ ହାସଲ କରିଥିବା ସଲିମା ଟେଟେଙ୍କ ନେତୃତ୍ୱାଧୀନ ଦଳ ପାଇଁ ହକି ଇଣ୍ଡିଆ ୫୦ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ଘୋଷଣା କରିଛି । ଆମଷ୍ଟେଲଭିନ୍‌ରେ ଗୁରୁବାର ଅନୁଷ୍ଠିତ ପଂଚମ-ଷଷ୍ଠ ସ୍ଥାନ ନିର୍ଣ୍ଣୟ ମ୍ୟାଚ୍‌ରେ ଭାରତ ବିଶ୍ୱର ୫ ନମ୍ବର ଦଳ ଜର୍ମାନୀକୁ ୩-୧ ଗୋଲ୍‌ରେ ପରାସ୍ତ କରିଥିଲା । ଏହି ବିଜୟ ସହ ଭାରତ ବିଶ୍ୱକପ୍‌ରେ ପଂଚମ ସ୍ଥାନ ହାସଲ କରିଛି । ୧୯୭୪ରେ ଆୟୋଜିତ ପ୍ରଥମ ମହିଳା ବିଶ୍ୱକପ୍‌ରେ ଚତୁର୍ଥ ସ୍ଥାନ ହାସଲ କରିବା ପରେ ଏହା ହେଉଛି ଭାରତର ଶ୍ରେଷ୍ଠ ବିଶ୍ୱକପ୍ ପ୍ରଦର୍ଶନ । ଭାରତୀୟ ଦଳର ଏହି ଅଭିଯାନ ବେଶ୍ ଚମତ୍କାର ରହିଥିଲା । ଦଳ ସମଗ୍ର ପ୍ରତିଯୋଗିତାରେ କେବଳ ଗୋଟିଏ ମ୍ୟାଚ୍‌ରେ ପରାଜିତ ହୋଇଥିଲା । ନିଜଠାରୁ ଉଚ୍ଚ ମାନ୍ୟତାପ୍ରାପ୍ତ ଚୀନ୍, ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ମ୍ୟାଚ୍ ଡ୍ର' ରଖିଥିଲା । ଏହାସହ ଦକ୍ଷିଣ ଆଫ୍ରିକାକୁ ୬-୧ ଗୋଲ୍‌ରେ ହରାଇଥିଲା । ଶେଷରେ ଜର୍ମାନୀକୁ ହରାଇ ଦଳ ଐତିହାସିକ ପଂଚମ ସ୍ଥାନରେ ଅଭିଯାନ ଶେଷ କରିଥିଲା । ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ ଦଳକୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ଏହି ସଫଳତା ଭାରତୀୟ ମହିଳା ହକିରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି । ୫୨ ବର୍ଷ ପରେ ବିଶ୍ୱକପ୍‌ରେ ପଂଚମ ସ୍ଥାନ ହାସଲ କରିବା ଦଳର କଠିନ ପରିଶ୍ରମ, ଦୃଢ଼ ମନୋବଳ ଓ ଲଢ଼େଇ କରିବାର ଦୃଢ଼ ମାନସିକତାର ପ୍ରମାଣ ।"

# ବିହାର ଲୋକ ଓ କାଶ୍ମୀର ପଣ୍ଡିତଙ୍କ ଉପରେ ମନ୍ତବ୍ୟ ଦେଇ ପୁଣି ବିବାଦରେ ସମୟ ରୈନା



ନୂଆଦିଲ୍ଲୀ, ୨୯/୮(ନ୍ୟୁ.ଏ): କମେଡିଆନ ସମୟ ରୈନା ଶୁକ୍ରବାର 'ଇଣ୍ଡିଆସ୍ ଗଟ୍ ଲାଟେଂଟ୍, ସିଜିନ୍ ୨'ର ଆଉ ଏକ ଏପିସୋଡ୍ ରିଲିଜ୍ କରିଛନ୍ତି, ଯାହାର କିଛି ଅଂଶ ପରେ ସୋସିଆଲ ମିଡିଆରେ ପ୍ରସାରିତ ହୋଇଛି । ରୈନା ଓ ଷ୍ଟାଣ୍ଡ-ଅପ୍ କମେଡିଆନ ଶାରୋନ୍ ବର୍ମାଙ୍କ ସହିତ ଏକ ଆଲୋଚନା ସମୟରେ ବିହାରର ଲୋକ ଓ କାଶ୍ମୀର ପଣ୍ଡିତମାନଙ୍କ ବିଷୟରେ କଥିତ ମନ୍ତବ୍ୟକୁ ନେଇ ବିବାଦ ହୋଇଛି । ସମୟ ତାଙ୍କ ନିଜସ୍ୱ ଶୈଳୀରେ ଶାରୋନଙ୍କୁ ଦର୍ଶକଙ୍କ ସହ ପରିଚିତ କରାଇ ତାଙ୍କ ବିହାର ପୃଷ୍ଠଭୂମି ବିଷୟରେ ମଜାକିଆ ଢଙ୍ଗରେ କହିଥିଲେ, ଶାରୋନ୍ ବିହାରର । ସେ ଏତେ ବିହାରୀ ଯେ ସେ ଭାବନ୍ତି 'ଇବୋଲା''ର ଅର୍ଥ କେହି କିଛି କହିଛନ୍ତି । ଶାରୋନ୍ ସମୟଙ୍କ କାଶ୍ମୀର ମୂଳକୁ ଟାର୍ଗେଟ କରି ମଜାଦାର ଶୈଳୀରେ ଜବାବ ଦେବାକୁ ଚେଷ୍ଟା କରିଥିଲେ । ଶାରୋନ୍ କହିଥିଲେ, ସମୟ ଖାଂଟି କାଶ୍ମୀରୀ: ସେ ପଥର ମାରିବାକୁ ଭଲ ପାଆନ୍ତି । ସମୟ ମଜା କରି ଆହୁରି କହିଥିଲେ, ଶାରୋନ୍ ବର୍ମା ଜଣେ ବିହାରୀ ଯିଏ ଚାକିରି ଖୋଜିବା ପାଇଁ ମୁମ୍ବାଇ ଆସିଥିଲେ । ଏହା କେବଳ ବିହାରୀ କଥା । ତା'ପରେ ଶାରୋନ୍ କହିଲେ, 'ଅତି କମ୍‌ରେ, ମୁଁ ମୋ ରାଜ୍ୟ ମୋ ଇଚ୍ଛାରେ ତ ଛାଡ଼ିଛି । ବିଜେପି ବିଧାୟକ ରାମ କଦମ୍ ଉଭୟଙ୍କ ମନ୍ତବ୍ୟକୁ ତୀବ୍ର ସମାଲୋଚନା କରି କହିଛନ୍ତି ଯେ, ଏହା ପ୍ରଚାର ପାଇଁ କରାଯାଇଥିଲା । ସମାଜରେ କିଛି ଶକ୍ତି ଅଛନ୍ତି ଯେଉଁମାନେ ପ୍ରଚାର ପାଇଁ ଜାଣିଶୁଣି ବିବାଦୀୟ ବୟାନ ଦିଅନ୍ତି । ସେମାନଙ୍କର ଏକମାତ୍ର ଉଦ୍ଦେଶ୍ୟ ହେଉଛି ପ୍ରସିଦ୍ଧ ହେବା । ଆମକୁ ବୁଝିବାକୁ ପଡିବ ଯେ ସନାତନ ହିନ୍ଦୁ ଧର୍ମର ଦେବତା ଓ କାଶ୍ମୀରୀ ପଣ୍ଡିତମାନଙ୍କୁ ଉପହାସର ବିଷୟ ଭାବରେ ବ୍ୟବହାର କରାଯାଇପାରିବ ନାହିଁ । କଦମ୍ ଆହୁରି କହିଥିଲେ, କେହି ଜାଣିଶୁଣି କିଛି ଅପମାନଜନକ କଥା କହି ତା'ପରେ କ୍ଷମା ମାଗି ଦେଲେ ଚଳିବ ନାହିଁ । ଏହି ସମୟ ମଧ୍ୟରେ ସେମାନେ ସାରା ଦେଶରେ ମାଗଣାରେ ଚାହୁଁଥିବା ପ୍ରଚାର ପାଆନ୍ତି ବୋଲି କହିଛନ୍ତି ।

# 'ଶୁଦ୍ଧୀକରଣ'କୁ ନେଇ ରାହୁଲଙ୍କ ନିଶାନା, ବିଜେପି-ଆରଏସଏସ ଉପରେ ଭେଦଭାବର ଅଭିଯୋଗ



ନୂଆଦିଲ୍ଲୀ, ୨୯/୮(ନ୍ୟୁ.ଏ): କଂଗ୍ରେସ ସାଂସଦ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦଳିତଙ୍କ ବିରୋଧରେ ହିଂସା ପ୍ରସଙ୍ଗ ଉଠାଇଛନ୍ତି । ସେ ଅଭିଯୋଗ କରିଛନ୍ତି, ଆଜି ମଧ୍ୟ ସବୁଠି ଦଳିତଙ୍କୁ ଅପମାନିତ କରାଯାଉଛି । ଏକ ସାମ୍ବାଦିକ ସମ୍ମିଳନୀରେ ସେ ହଲଦ୍ୱାନୀରେ ମଲ୍ଲିକାର୍ଜୁନ ଖାର୍ଗେଙ୍କ ରାଲି ପରେ ଶୁଦ୍ଧିକରଣ କରାଯାଇଥିବା ପ୍ରସଙ୍ଗ ଉଠାଇ କହିଛନ୍ତି, ଖାର୍ଗେ ଆମ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ । ଏହି ମାମଲାରେ ଉତରାଖଣ୍ଡ ସରକାରଙ୍କଠାରୁ ସେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦୀଙ୍କଠାରୁ ମଧ୍ୟ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।ଦେଶ ଦୁଇଟି ବିଚାରଧାରା ମଧ୍ୟରେ ଲଢୁଛି । ଗୋଟିଏ ପଟେ ଭାରତୀୟ ସମ୍ବିଧାନ - ବି.ଆର. ଆମ୍ବେଦକର, ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ ଏବଂ ସର୍ଦ୍ଦାର ପଟେଲଙ୍କ ସମ୍ବିଧାନ । ଅନ୍ୟ ପଟେ ବିଜେପି ଏବଂ ଆରଏସଏସର ବିଚାରଧାରା । ଭାରତର ବର୍ତ୍ତମାନର ରାଜନୈତିକ ଦୃଶ୍ୟପଟ ଏହି ଦୁଇଟି ବିଚାରଧାରା ଉପରେ କେନ୍ଦ୍ରିତ ରହିଥିବା ସେ କହିଛନ୍ତି । ହଜାର ହଜାର ବର୍ଷ ଧରି ଦେଶରେ ଦଳିତମାନେ ଅତ୍ୟାଚାର ଏବଂ ହିଂସାର ଶିକାର ହୋଇଆସୁଛନ୍ତି । ସମ୍ବିଧାନ ଏହାକୁ ବେଆଇନ କରିଛି, ତଥାପି ଆଜି ମଧ୍ୟ ଦଳିତ ପିଲାମାନଙ୍କୁ ସ୍କୁଲରେ ଶୌଚାଳୟ ସଫା କରିବାକୁ ଏବଂ ଶ୍ରେଣୀଗୃହ ସଫା କରିବାକୁ ବାଧ୍ୟ କରାଯାଉଛି । ଭବିଷ୍ୟତ ପିଢ଼ିର ମନ ଉପରେ ଏହାର କି ପ୍ରଭାବ ପଡ଼ିବ କଳ୍ପନା କରନ୍ତୁ । ପିଲାମାନେ ସେମାନଙ୍କର କିଛି ସାଥୀଙ୍କୁ ଝାଡୁ କରୁଥିବାର ଦେଖୁଛନ୍ତି । ଏହା ହେଉଛି ଭାରତର ବାସ୍ତବତା । ଆଜି ମଧ୍ୟ ଦଳିତମାନଙ୍କୁ ଗାଁ କୂଅରୁ ପାଣି ପିଇବାକୁ ଅନୁମତି ନାହିଁ । ସେମାନଙ୍କୁ ସାଧାରଣ ଗାଁ କୂଅ ବ୍ୟବହାର କରିବାରୁ ବାରଣ କରାଯାଉଥିବାରୁ ସେମାନଙ୍କୁ ନିଜର କୂଅ ଖୋଳିବାକୁ ପଡୁଛି । ଚା' ଦୋକାନରେ, ଆପଣ ଦୁଇ ପ୍ରକାରର କପ୍ ଦେଖିବେ । ଗୋଟିଏ ପୁନଃବ୍ୟବହାରଯୋଗ୍ୟ କାଚ କପ୍ ଯାହାକୁ ଧୋଇହେବ, ଏବଂ ଅନ୍ୟଟି ଏକ କାଗଜ କିମ୍ବା ପ୍ଲାଷ୍ଟିକ୍ କପ୍ ଯାହାକୁ ବ୍ୟବହାର ପରେ ଫିଙ୍ଗି ଦିଆଯାଏ । ପ୍ଲାଷ୍ଟିକ୍ କିମ୍ବା କାଗଜ କପ୍ ଦଳିତମାନଙ୍କ ପାଇଁ, ଯେତେବେଳେ କାଚ କପ୍ ଅନ୍ୟମାନଙ୍କ ପାଇଁ । ଏହା ଭାରତର ବାସ୍ତବତା । ଏହା ଉତର ପ୍ରଦେଶର ବାସ୍ତବତା, ଏହା ଉତର ଭାରତର ବାସ୍ତବତା, ଏବଂ ଆପଣ ଏହାକୁ ସହର ଏବଂ ଗାଁରେ ଦେଖିପାରିବେ । ବିବାହ ଶୋଭାଯାତ୍ରା ସମୟରେ, ଯଦି ଦଳିତ ବରମାନେ ଘୋଡା ଚଢୁଛନ୍ତି, ତେବେ ସେମାନଙ୍କ ଉପରେ ଆକ୍ରମଣ କରାଯାଉଛି ଏବଂ ପଥରମାଡ଼ ହେଉଛି । ଏଥିପାଇଁ ସେ କେନ୍ଦ୍ର ବିଜେପି ସରକାର ଏବଂ ଆରଏସଏସକୁ ଟାର୍ଗେଟ କରିଛନ୍ତି । ଖାର୍ଗେଙ୍କ କାର୍ଯ୍ୟକ୍ରମ ପରେ ରାହୁଲ ଗାନ୍ଧୀ ମଂଚର ଶୁଦ୍ଧିକରଣକୁ ପ୍ରସଙ୍ଗ କରି କହିଛନ୍ତି, ଏହା ଏକ ଅପରାଧ । ଏହି ମାମଲାରେ ସେ କାର୍ଯ୍ୟାନୁଷ୍ଠାନ ଦାବି କରି ସମ୍ପୃକ୍ତ ଲୋକଙ୍କ ବିରୋଧରେ ଏଫଆଇଆର ରୁଜୁ କରାଯାଉ ବୋଲି କହିଛନ୍ତି । ଶୁଦ୍ଧିକରଣ ଅସ୍ପୃଶ୍ୟତାର ଅନ୍ୟ ଏକ ନାମ । ଅସ୍ପୃଶ୍ୟତାକୁ ବେଆଇନ ଘୋଷଣା କରାଯାଇଛି, ତଥାପି ବିଜେପି ସହିତ ଜଡ଼ିତ ଲୋକମାନେ ଖୋଲାଖୋଲି ଭାବରେ ଏଭଳି କରୁଛନ୍ତି । ଆମର ଲଢ଼େଇ ହେଉଛି ବିଚାରଧାରାର ଲଢ଼େଇ, ସମ୍ବିଧାନକୁ ବଂଚାଇବାର ଲଢ଼େଇ ।

# ନେପାଳରେ ଜଳପ୍ରଳୟ, ଭାରତରେ ମିଳୁଛି ଶବ



ଗୋପାଳଗଞ୍ଜ, ୨୯/୮(ନ୍ୟୁ.ଏ): ନେପାଳରେ ହୋଇଥିବା ଭୟଙ୍କର ବନ୍ୟାର ପ୍ରଭାବ ଏବେ ଭାରତରେ ମଧ୍ୟ ଅନୁଭୂତ ହେଉଛି । ନାରାୟଣୀ ନଦୀରେ ବନ୍ୟାଜଳ ସହିତ ମୃତଦେହ ବୋହି ମହାରାଜଗଞ୍ଜରେ ପହଂଚିଛି । ଏପର୍ଯ୍ୟନ୍ତ ଚାରି ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି, ଯେଉଁଥିରେ ତିନି ଜଣ ଶିଶୁ ମଧ୍ୟ ଅଛନ୍ତି । ନଦୀରେ ଭାସିଯାଇଥିବା ମୃତଦେହ, ଭଗ୍ନାବଶେଷ, କାଠ ଏବଂ ଜିନିଷପତ୍ରର ଏହି ଦୃଶ୍ୟ ବନ୍ୟାର ଦୁଃଖଦ କ୍ଷୟକ୍ଷତିକୁ ଦର୍ଶାଉଛି । ନାରାୟଣୀ ନଦୀରେ କେବଳ ପାଣି ପ୍ରବାହିତ ହେଉନାହିଁ । ବନ୍ୟା ପାଣି କାଠ, ଘରକରଣା ଜିନିଷପତ୍ର, ଏପରିକି ସିଲିଣ୍ଡର ସହିତ ଅନ୍ୟାନ୍ୟ ଜିନିଷପତ୍ର ମଧ୍ୟ ଭାରତ ପଟେ ପହଁଚିଛି । ଏହି ସମୟରେ, ଉଦ୍ଧାରକାରୀ ଦଳ ନଦୀରେ କିଛି ସନ୍ଦେହଜନକ ଜିନିଷ ଦେଖିଥିଲେ । ପାଖକୁ ଯାଇ ଭଲ ଭାବରେ ଯାଂଚ କରିବା ପରେ, ସେମାନେ ମୃତ ଶରୀର ପାଇଥିଲେ । ଉଦ୍ଧାର ହୋଇଥିବା ଚାରିଟି ମୃତଦେହ ମଧ୍ୟରେ ତିନି ଜଣ ମହିଳା ଏବଂ ଜଣେ ପୁରୁଷଙ୍କର ବୋଲି ଜଣାପଡ଼ିଛି । ମହାରାଜଗଞ୍ଜ ପ୍ରଶାସନ ମୃତଦେହ ମିଳିବା ସମ୍ପର୍କରେ ନେପାଳକୁ ସୂଚନା ପଠାଇଛି । ଚିହ୍ନଟ ସହିତ ଜଡିତ ଫଟୋ ଏବଂ ଭିଡିଓ ମଧ୍ୟ ସେୟାର କରାଯାଇଛି । ନେପାଳ ପ୍ରଶାସନର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ କ'ଣ ହେବ ସେ ନେଇ ଅପେକ୍ଷା କରାଯାଉଛି । ନଦୀ କୂଳରେ ନିୟୋଜିତ ଉଦ୍ଧାରକାରୀ ଦଳ ସ୍ଥିତି ଉପରେ ନିରନ୍ତର ନଜର ରଖିଛନ୍ତି । ଯେତେବେଳେ କୌଣସି ସନ୍ଦେହଜନକ ବସ୍ତୁ ଦେଖାଯାଏ, କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ତଦନ୍ତ କରନ୍ତି । ଯଦି କୌଣସି ମାନବ ମୃତଦେହ ମିଳେ, ତେବେ ଆବଶ୍ୟକୀୟ ପ୍ରକ୍ରିୟା ପରେ ତାକୁ ଉଦ୍ଧାର କରାଯାଇ ଶବ ସଂରକ୍ଷଣ ଗୃହକୁ ପଠାଯାଏ । କିଛି ଲୋକ ବନ୍ୟା ପାଣିରେ ଭାସି ଯାଇଥିବା ଜିନିଷପତ୍ର ଉଦ୍ଧାର କରିବା ପାଇଁ ନିଜ ଜୀବନକୁ ବାଜି ଲଗାଉଛନ୍ତି । ଉଦ୍ଧାରକାରୀ ଦଳ ସେମାନଙ୍କୁ ନଦୀରୁ ଦୂରେଇ ରହିବାକୁ ବାରମ୍ବାର ସତର୍କ କରାଉଛନ୍ତି, କିନ୍ତୁ ଅନେକ ଲୋକ ଏବେ ବି କାଠ ଏବଂ ଅନ୍ୟାନ୍ୟ ଜିନିଷପତ୍ର ଆଣିବା ପାଇଁ ପାଣି ଭିତରକୁ ଯାଉଛନ୍ତି ।

# ମହାକାଶରୁ ନଜର ରଖିବ ଭାରତର 'ତୃତୀୟ ଆଖି'




ନୂଆଦିଲ୍ଲୀ, ୨୯/୮(ନ୍ୟୁ.ଏ): ଇସ୍ରୋର ମାଷ୍ଟର ପ୍ଲାନ । ମହାକାଶରୁ ନଜର ରଖିବ ଭାରତର ତୃତୀୟ ଆଖି EOS-୫ ସାଟେଲାଇଟ୍ । ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ISRO) ସେପ୍ଟେମ୍ବର ୪ ତାରିଖରେ GSLV F୧୭ ରକେଟ୍ ମାଧ୍ୟମରେ, EOS-୫ କୁ ଲଂଚ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ । ଏହି ହାଇ-ରିଜୋଲ୍ୟୁସନ୍ ଆର୍ଥ ଅବଜରଭେସନ୍ ସାଟେଲାଇଟ୍, ଭାରତ ଉପରେ ତୀକ୍ଷ୍ଣ ନଜର ରଖିବ, ଯାହା ଦ୍ୱାରା ପାଣିପାଗ, ବିପର୍ଯ୍ୟୟ ପରିଚାଳନା ଏବଂ ସୁରକ୍ଷା ବ୍ୟବସ୍ଥା ଅଧିକ ଦୃଢ ହେବ । କିଛି କଠିନ ସମୟ ଓ ବିଫଳତା ପରେ ଇସ୍ରୋ ଲଂଚପ୍ୟାଡକୁ ଏକ ଦମଦାର ପ୍ରତ୍ୟାବର୍ତ୍ତନ ପାଇଁ ପ୍ରସ୍ତୁତି କରୁଛି । ଏହି ମିଶନ କେବଳ ସାଟେଲାଇଟର ବିଶେଷତ୍ୱ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଏହା ଏପରି ଏକ ସମୟରେ ହେଉଛି ଯେତେବେଳେ କି ଓଝଜଦର ଲଗାତାର ଦୁଇଟି ଚଝଖଠ ମିଶନ ବିଫଳ ହେବା ପରେ, ମହାକାଶରେ ନିଜର ଗତିକୁ ପୁନର୍ବାର ହାସଲ କରିବାକୁ ଚେଷ୍ଟା କରୁଛି । ଯଦି ଏହି ମିଶନ ସଫଳ ହୁଏ, ùZùa EOS-୫ ଭାରତକୁ ମହାକାଶରୁ ନିଜର ସ୍ଥଳଭାଗ, ଉପକୂଳବର୍ତ୍ତୀ ଅଂଚଳ, ପାଣିପାଗ ପ୍ରଣାଳୀ ଏବଂ ବିପର୍ଯ୍ୟୟ ପ୍ରବଣ ଅଂଚଳ ଉପରେ ନଜର ରଖିବା ପାଇଁ ଏକ ନୂଆ ଏବଂ ଶକ୍ତିଶାଳୀ କ୍ଷମତା ପ୍ରଦାନ କରିବ । EOS-୫, ଯାହାକୁ ପୂର୍ବରୁ GISAT-୧ଉ ପ୍ରୋଗ୍ରାମ୍ ସହ ଯୋଡ଼ା ଯାଇ ଥିଲା, ଏହା ବିଷୁବ ରେଖାରୁ ପ୍ରାୟ ୩୬ ହଜାର କିଲୋମିଟର ଉପରେ ଜିଓଷ୍ଟେସନାରୀ ଅର୍ବିଟରେ କାମ କରିବା ପାଇଁ ଡିଜାଇନ୍ କରାଯାଇଛି । ପୃଥିବୀ ଉପରେ ନଜର ରଖୁଥିବା ଅନେକ ସାଟେଲାଇଟ୍ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ କୌଣସି ସ୍ଥାନ ଉପର ଦେଇ ଗତି କରନ୍ତି, କିନ୍ତୁ ଜିଓଷ୍ଟେସନାରୀ ସାଟେଲାଇଟ୍ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନ ଉପରେ ସ୍ଥିର ରହିପାରେ । ଏହାଦ୍ୱାରା ଏହା ଗୋଟିଏ ଅଂଚଳ ଉପରେ ଲଗାତାର ନଜର ରଖିବା ସହ ତୁରନ୍ତ ସୂଚନା ଯୋଗାଇବାରେ ସକ୍ଷମ ହୁଏ । ସାଇକ୍ଲୋନ୍, ବନ୍ୟା, ବାଦଲ ଫାଟିବା ଏବଂ ଜଙ୍ଗଲରେ ନିଆଁ ଲାଗିବା ଭଳି ଦ୍ରୁତ ପରିବର୍ତ୍ତନଶୀଳ ପରିସ୍ଥିତିରେ ଏହି ସାଟେଲାଇଟ୍ ଭାରତ ପାଇଁ ବହୁତ ସହାୟକ ହେବ ।

# ନେପାଳର ନିଷ୍ପତି ବଦଳିଲା ଭାରତ ଓ ଚୀନ୍ ଟିମ୍‌କୁ ଉଦ୍ଧାର ପାଇଁ ଅନୁମତି



ନୂଆଦିଲ୍ଲୀ, ୨୯/୮(ନ୍ୟୁ.ଏ): ଭୟାବହ ଆକସ୍ମିକ ବନ୍ୟା ବିପର୍ଯ୍ୟୟ ପରେ ଅନ୍ତର୍ଜାତୀୟ ସମୁଦାୟର ପ୍ରବଳ ଚାପ ଯୋଗୁଁ ନେପାଳ ସରକାର ବିଦେଶୀ ସାହାଯ୍ୟ ଗ୍ରହଣ ନକରିବା ନିଷ୍ପତିକୁ ବଦଳାଇଛନ୍ତି । ବର୍ତ୍ତମାନ ଭାରତ, ଚୀନ, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ କୋରିଆର ବିଶେଷଜ୍ଞ ଦଳକୁ ଟନେଲ୍ ଉଦ୍ଧାର କାର୍ଯ୍ୟ, ଡିଏନ୍ଏ ପରୀକ୍ଷା ଏବଂ ଫୋରେନ୍ସିକ ଚିହ୍ନଟ ପ୍ରକ୍ରିୟା ପାଇଁ ଅନୁମତି ଦିଆଯାଇଛି । ପୂର୍ବରୁ ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ ବିଦେଶୀ ସାହାଯ୍ୟକୁ ମନା କରିଥିଲେ ମଧ୍ୟ ନିଖୋଜ ନାଗରିକଙ୍କ ସୁରକ୍ଷା ପାଇଁ ଏହି ନିଷ୍ପତି ବଦଳାଇବାକୁ ବାଧ୍ୟ ହୋଇଛନ୍ତି । ଭୋଟେକୋଶୀ ଏବଂ ତ୍ରିଶୂଳୀ ନଦୀର ବନ୍ୟାଯୋଗୁଁ ଏପର୍ଯ୍ୟନ୍ତ ୬୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି ଏବଂ ୨ ହଜାରରୁ ଅଧିକ ଲୋକ ନିଖୋଜ ଅଛନ୍ତି । ବିଶେଷ କରି ୨୧୬ ମେଗାୱାଟର 'ଅପର ତ୍ରିଶୂଳୀ-୧' ଜଳବିଦ୍ୟୁତ ପ୍ରକଳ୍ପର ୫୭୬ ଜଣ ଶ୍ରମିକ ନିଖୋଜ ଅଛନ୍ତି ଏବଂ ସେମାନେ ଟନେଲ ଭିତରେ ଫସି ରହିଥିବା ଆଶଙ୍କା କରାଯାଉଛି । ଭାରତୀୟ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୈସ୍ୱାଲ ଏବଂ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କ ସୂଚନା ଅନୁଯାୟୀ, ଭାରତ ପକ୍ଷରୁ ଏନ୍‌ଡିଆରଏଫ, ଜେନେରେଟର, ଖାଦ୍ୟ ସାମଗ୍ରୀ ସହ ୧୧ ଜଣିଆ ଟନେଲ ଉଦ୍ଧାରକାରୀ ଓ ଡାକ୍ତରୀ ଦଳ କାଠମାଣ୍ଡୁରେ ପହଂଚି ସାରିଛନ୍ତି । ବର୍ତ୍ତମାନ ରାସ୍ତାଘାଟ ନଷ୍ଟ ହୋଇଯାଇଥିବାରୁ ପୁଲିସ ଏବଂ ସ୍ଥାନୀୟ ପ୍ରତିଷ୍ଠାନଗୁଡ଼ିକ ଉଦ୍ଧାର କାର୍ଯ୍ୟ ପାଇଁ ହେଲିକପ୍ଟରର ସାହାଯ୍ୟ ନେଉଛନ୍ତି । ପ୍ରତିକୂଳ ପାଗ ଯୋଗୁଁ ଉଦ୍ଧାର ଓ ସେବା ବାଧାପ୍ରାପ୍ତ ହେଉଛି ।

# ଭାରତ କିଣିବ ୧୦୦ ଜାଭେଲିନ୍ ମିସାଇଲ୍

ନୂଆଦିଲ୍ଲୀ, ୨୯/୮(ନ୍ୟୁ.ଏ): ଅପରେସନ ସିନ୍ଦୂର ପରେ ଭାରତ-ଆମେରିକା ସମ୍ପର୍କରେ କିଛିଟା ତିକ୍ତତା ଦେଖାଦେଇଥିଲେ ମଧ୍ୟ ପ୍ରତିରକ୍ଷା କ୍ଷେତ୍ରରେ ଦୁଇ ଦେଶର ସହଯୋଗ ଜାରି ରହିଛି । ଏହି କ୍ରମରେ ଆମେରିକାଠାରୁ ପ୍ରାୟ ୧୦୦ଟି ଜାଭେଲିନ୍ ଆଂଟି-ଟ୍ୟାଙ୍କ ଗାଇଡେଡ୍ ମିସାଇଲ୍ କିଣିବାକୁ ଭାରତ ପଦକ୍ଷେପ ନେଇଛି । ପ୍ରାୟ ୪୫.୭ ମିଲିୟନ୍ ଡଲାର ଅର୍ଥାତ୍ ପ୍ରାୟ ୩୦୦ କୋଟି ଟଙ୍କାର ଏହି ଚୁକ୍ତିକୁ ରଣନୈତିକ ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ କୁହାଯାଉଛି । ଭାରତୀୟ ସେନା ଜାଭେଲିନ୍ ମିସାଇଲ୍ କିଣିବା ନେଇ ଆମେରିକାର ପ୍ରସ୍ତାବରେ ସ୍ୱାକ୍ଷର କରିଛି । ଏହା ଅଧୀନରେ ୧୦୦ଟି ମିସାଇଲ୍ ରାଉଣ୍ଡ ସହ ୨୫ଟି ଲାଇଟୱେଟ୍ କମାଣ୍ଡ ଲଂଚ ୟୁନିଟ୍ ଏବଂ ଆବଶ୍ୟକୀୟ ଉପକରଣ ଭାରତ କିଣିବ । ନିୟନ୍ତ୍ରଣ ରେଖା ଓ ବାସ୍ତବ ନିୟନ୍ତ୍ରଣ ରେଖାରେ ଭିନ୍ନ ଭିନ୍ନ ସୁରକ୍ଷା ଚ୍ୟାଲେଞ୍ଜ ଥିବାରୁ ଭାରତୀୟ ସେନାର ଆଂଟି-ଟ୍ୟାଙ୍କ କ୍ଷମତା ବଢ଼ାଇବା ଦିଗରେ ଏହି ଡିଲ୍‌କୁ ଏକ ବଡ଼ ପଦକ୍ଷେପ ଭାବେ ଦେଖାଯାଉଛି । ଜାଭେଲିନ୍ ଏକ ଆଧୁନିକ ମଧ୍ୟମ ଦୂରତାର ଆଂଟି-ଟ୍ୟାଙ୍କ ଗାଇଡେଡ୍ ମିସାଇଲ୍ । ଏହାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି 'ଫାୟାର୍ ଆଣ୍ଡ ଫର୍ଗେଟ୍' ପ୍ରଯୁକ୍ତି । ଅର୍ଥାତ୍ ଟାର୍ଗେଟ୍ ଲକ୍ କରିବା ପରେ ଅପରେଟରଙ୍କୁ ମିସାଇଲ୍‌କୁ ନିରନ୍ତର ଭାବେ ନିର୍ଦ୍ଦେଶ ଦେବାକୁ ପଡ଼ିନଥାଏ । ଏହାକୁ ଟ୍ୟାଙ୍କ ଓ ସୁରକ୍ଷିତ ସାମରିକ ସ୍ଥାନକୁ ଟାର୍ଗେଟ୍ କରିବା ପାଇଁ ବ୍ୟବହାର କରାଯାଏ । ଆମେରିକାର ରେଥିଅନ୍ ଏବଂ ଲକହିଡ୍ ମାର୍ଟିନ୍ ମିଳିତ ଭାବେ ଏହି ମିସାଇଲ୍ ପ୍ରସ୍ତୁତ କରନ୍ତି । ଏହାକୁ ଜଣେ ସୈନିକ କାନ୍ଧରୁ କିମ୍ବା ଟ୍ରାଇପଡ୍ ମାଧ୍ୟମରେ ଲଂଚ କରିପାରିବେ । ଏହାର ରେଞ୍ଜ୍ ପ୍ରାୟ ୨.୫ କିଲୋମିଟର ବୋଲି କୁହାଯାଉଛି । ଆମେରିକାର ଡିଫେନ୍ସ ସିକ୍ୟୁରିଟି କୋଅପରେସନ୍ ଏଜେନ୍ସି ପୂର୍ବରୁ ଏହି ବିକ୍ରିକୁ ମଞ୍ଜୁରୀ ଦେଇଥିଲା । ଆମେରିକାର ମତରେ ଏହି ଚୁକ୍ତି ଦୁଇ ଦେଶର ରଣନୈତିକ ଓ ପ୍ରତିରକ୍ଷା ସମ୍ପର୍କକୁ ଆହୁରି ମଜବୁତ କରିବ । ଏହା ସହ ଭାରତର ସାମରିକ କ୍ଷମତା ବଢ଼ିବା ସହ ଭବିଷ୍ୟତର ସୁରକ୍ଷା ଚ୍ୟାଲେଞ୍ଜ ମୁକାବିଲାରେ ସହାୟତା ମିଳିବ । ଭାରତ ପୂର୍ବରୁ ଆମେରିକାଠାରୁ ଏମ୍-୭୭୭ ଲାଇଟ୍ ହୋୱିଟଜର୍ ଏବଂ ସିଗ୍ ସାଉଅର୍ ରାଇଫଲ୍ ଭଳି ପ୍ରତିରକ୍ଷା ସାମଗ୍ରୀ କିଣିଛି । ଏବେ ଜାଭେଲିନ୍ ଡିଲ୍ ଦୁଇ ଦେଶର ପ୍ରତିରକ୍ଷା ସହଯୋଗକୁ ନୂଆ ଦିଗ ଦେଇପାରେ । କେବଳ ମିସାଇଲ୍ କିଣିବାରେ ସୀମିତ ରହିବା ନୁହେଁ, ଆଗାମୀ ଦିନରେ ଭାରତରେ ଜାଭେଲିନ୍‌ର ଉତ୍ପାଦନ ନେଇ ମଧ୍ୟ ଆଲୋଚନା ଚାଲିଛି । ରେଥିଅନ୍ ଓ ଲକହିଡ୍ ମାର୍ଟିନ୍ ଭାରତୀୟ କମ୍ପାନୀ ଭାରତ ଡାଇନାମିକ୍ସ ଲିମିଟେଡ୍ ସହ ଏନେଇ ସହଯୋଗର ରାସ୍ତା ଖୋଲିଛନ୍ତି । ଏହା ଫଳରେ ତୁରନ୍ତ ଆବଶ୍ୟକତା ପୂରଣ ସହ ଦୀର୍ଘମିଆଦୀ ଭାବେ ଭାରତରେ ଆଂଟି-ଟ୍ୟାଙ୍କ ମିସାଇଲ୍ ଉତ୍ପାଦନ କ୍ଷମତା ବଢ଼ିପାରେ । ଭାରତ ଗୋଟିଏ ପଟେ ରୁଷ ଓ ଚୀନ ସହ ଏସ୍‌ସିଓ ଏବଂ ବ୍ରିକ୍ସ ଭଳି ମଂଚରେ ସକ୍ରିୟ ରହିଛି । ଅନ୍ୟପଟେ ଆମେରିକା ସହ ପ୍ରତିରକ୍ଷା ଓ ରଣନୈତିକ ସହଯୋଗକୁ ମଧ୍ୟ ଜାରି ରଖିଛି । ଏଭଳି ସମୟରେ ଜାଭେଲିନ୍ ଡିଲ୍‌କୁ ଭାରତର ସନ୍ତୁଳିତ ବୈଦେଶିକ ନୀତିର ଏକ ଉଦାହରଣ ଭାବେ ଦେଖାଯାଉଛି । ରୁଷ ସହ ପ୍ରତିରକ୍ଷା ସମ୍ପର୍କ ଜାରି ରଖିବା ସହ ଆମେରିକା ସହ ନୂଆ ପ୍ରତିରକ୍ଷା ପ୍ରଯୁକ୍ତି ଓ ଯୁଦ୍ଧ ସାମଗ୍ରୀ କ୍ଷେତ୍ରରେ ସହଯୋଗ ବଢ଼ାଇବା ଭାରତର 'ଷ୍ଟ୍ରାଟେଜିକ୍ ବାଲାନ୍ସ' ନୀତିକୁ ଦର୍ଶାଉଛି । ଜାଭେଲିନ୍ କ୍ରୟକୁ କେବଳ ଏକ ପ୍ରତିରକ୍ଷା ଚୁକ୍ତି ଭାବେ ନୁହେଁ, ବରଂ ଭାରତ-ଆମେରିକା ପ୍ରତିରକ୍ଷା ଶିଳ୍ପର ଭବିଷ୍ୟତ ସହଯୋଗର ଆରମ୍ଭ ଭାବେ ଦେଖାଯାଉଛି । ମିଳିତ ଉତ୍ପାଦନ, ପ୍ରତିରକ୍ଷା ପ୍ରଯୁକ୍ତି ହସ୍ତାନ୍ତର ଓ ଭାରତୀୟ ପ୍ରତିରକ୍ଷା ଶିଳ୍ପର ବିକାଶ ଦିଗରେ ଏହି ଚୁକ୍ତି ଆଗାମୀ ଦିନରେ ନୂଆ ଦ୍ୱାର ଖୋଲିପାରେ ।

ADMISSION OPEN- 2025
MODERN
I.T.I
TRADE:
FITTER & ELECTRICIAN
Affiliated to NCVT, Govt. of India, New Delhi
STIPEND FACILITY FOR SC/ST/OBC STUDENTS
Special Concession for very poor & girl students
Sundari, P.O.- Sunhat, Balasore
9437485676, 8249839157, 9438214434

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das